# ବିପ୍ଳବୀ ଆନନ୍ଦଚନ୍ଦ୍ର : ଏକ ଅନିର୍ବାଣ ଶିଖା

ଡକ୍ଟର ବାସୁଦେବ ଦାସ

ଭାରତବର୍ଷରେ କେଉଁ ଏକ କୋଣରେ ଖଣ୍ଡିଏ ଇଲାକା, ଯାହାର ନାମ କେନ୍ଦ୍ରାପଡ଼ାର କନିକା । ଏହି ପୁଣ୍ୟମାଟି ଖଣ୍ଡକରେ ଭାରତମାତାର ବରପୁତ୍ର ବିପ୍ଳବୀ ଆନନ୍ଦଚନ୍ଦ୍ରଙ୍କର ଜନ୍ମ । ବିପ୍ଳବୀ ଶବ୍ଦଟି ଖୁବ୍ କମ୍ ଲୋକଙ୍କ ପଛରେ ବିଶେଷଣ ରୂପେ ସ୍ଥାନ ପାଇଥାଏ । ଆନନ୍ଦଚନ୍ଦ୍ର ଜେନାଙ୍କ ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ, ପ୍ରଜା ପୀଡ଼ନ ବିରୋଧରେ ସାମନ୍ତବାଦୀଙ୍କୁ ପଦାନତ କରିବାର ଆଗ୍ନେୟ ଶପଥ, ଦୂରଦୃଷ୍ଟି ସଂପନ୍ନ ବ୍ୟକ୍ତିତ୍ୱ, ସ୍ପଷ୍ଟବାଦିତା, ଦରଦୀ ହୃଦୟର ସଂବେଗ, ସ୍ୱାଧୀନ ଚେତନା ଓ ସର୍ବୋପରି ବୈପ୍ଳବିକ ସାହିତ୍ୟ ସର୍ଜନା ତାଙ୍କୁ 'ବିପ୍ଳବୀ' ପଦବୀରେ ବିଭୂଷିତ କରିଥିଲା ।

ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ବୋଷ, ଚିତ୍ତରଂଜନ ଦାସଙ୍କ ଭଳି ସର୍ବଭାରତୀୟ ସ୍ତରରୁ ଓଡ଼ିଶାର ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସ ପ୍ରମୁଖ ନେତୃବୃନ୍ଦ ଓ ମନୀଷିମାନଙ୍କ ସହିତ ସୁସଂପର୍କ ସ୍ଥାପନ କରି ଭାରତମାତାର ମୁକ୍ତିପଥରେ କଦମତାଲ କରିବା ସହିତ ଛିନ୍ନ-ବିଖଣ୍ଡିତ ଉତ୍କଳର ଶ୍ରୀ ସାଧନ କ୍ଷେତ୍ରରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ତାଙ୍କର ଥିଲା ଯୁଗାନ୍ତକାରୀ ପଦକ୍ଷେପ । ଆନନ୍ଦଚନ୍ଦ୍ରଙ୍କ ଜୀବନାଲେଖ୍ୟ ଆଲୋଚନା କଲେ - ତାଙ୍କର ସଂଗ୍ରାମ ଓ ସାଧନା କେବଳ ଉତ୍କଳ ଦେଶପ୍ରୀତିରେ ଭରପୂର ନଥିଲା । ପରନ୍ତୁ ଥିଲା ସେବା, ତ୍ୟାଗ ଓ ଶହୀଦ ହେବାର ରଂଗାୟିତ ଇତିହାସ । ଲେଖକ ଜାଣିବାରେ କେନ୍ଦ୍ରାପଡ଼ା ମାଟି ଉପରେ ଅସୀମ ବୀରତ୍ୱର ସହ ଲଢ଼େଇ କରିଥିବା ଦୁଇଜଣ ବ୍ୟକ୍ତିଙ୍କର ସର୍ବାଧିକ ତ୍ୟାଗ ଏବଂ ଇଂରେଜ ଶାସନର ପ୍ରତିହତ କରିବା ଲଢୁଆ ପଣ ଥିଲା, ଜଣେ ହେଉଛନ୍ତି ସଶସ୍ତ୍ର ମୁକ୍ତି ସଂଗ୍ରାମର ଅପ୍ରତିଦ୍ୱନ୍ଦୀ ଯୋଦ୍ଧା ଚନ୍ଦ୍ରଧ୍ୱଜ ଷଣ୍ଢ ଓ ଅନ୍ୟଜଣକ ହେଲେ ବିପ୍ଳବୀ ଆନନ୍ଦଚନ୍ଦ୍ର । ମାତ୍ର ଦୁଃଖର କଥା ଏହି ଦୁଇଜଣ ବୀରଙ୍କର ସମରସଜ୍ଜା ଉପଯୁକ୍ତ ରୀତିରେ ଆମ ଇତିହାସରେ ସାକାର ହୋଇପାରିନାହିଁ ।

କୁଆଁରୀ ମାଟି ଉପରେ ତାଜା ରକ୍ତର ଢେଉ ଭାଙ୍ଗି ବର୍ଷା ଓ ବଜ୍ରକୁ ବେଖାତିର କରି କନିକାର ଅଖ୍ୟାତ ପଲ୍ଲୀ ଡାଳିକାଏଦାରେ ଖଗେଶ୍ୱର ଜେନାଙ୍କ ଘରେ ୧୮୮୪ ମସିହା ଜୁଲାଇ ମାସ ୧୭ ତାରିଖ ଦିନ ଗାଇ ଭୂମିଷ୍ଠ ହୋଇଥିଲେ ଆନନ୍ଦଚନ୍ଦ୍ର । ଅମା ରାତ୍ରି ତଥା ପୁତ୍ର କାଙ୍ଗାଳ ଖଗେଶ୍ୱର ଓ ସୁଲଭୀ ଦେବୀ ଦମ୍ପତିଙ୍କ ପ୍ରାଣରେ ଜ୍ୟୋସ୍ନାୟିତ ଚନ୍ଦ୍ର ସଦୃଶ ଆମ୍ର ପ୍ରକାଶ କରି ଆନନ୍ଦର ଢେଉ ଖେଳାଇ ଦେଇଥିଲେ 'ସିଂହ ଶିଶୁର ଠାଣି ବାଲ୍ୟରୁ ପ୍ରକଟିତ' : ହେବା ସଦୃଶ ଛାତ୍ରାବସ୍ଥାରୁ ଆନନ୍ଦ ଥିଲେ ସ୍ପଷ୍ଟବାଦୀ, ସେବା ପରାୟଣ ଓ ତ୍ୟାଗ ପରାୟଣ ।

ଆନନ୍ଦଚନ୍ଦ୍ର ଛାତ୍ରାବସ୍ଥାରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠା କରିବାର ପରିକଳ୍ପନା କରି ଟ.୩୦୦.୦୦ ଚାନ୍ଦା ଆଦାୟ କରିଥିଲେ । ପୁତ୍ରର ସ୍ୱାଧୀନ ଚେତନା ବଂଗଳାର ଜୈନିକ ପୋଲିସ କର୍ମଚାରୀ ଖଗେଶ୍ୱରଙ୍କୁ ବିସ୍ମିତ କରି ଦେଇଥିଲା । ସେ ମଧ୍ୟ ତୋଷାମଦରୁ ନିଜକୁ କ୍ଷାନ୍ତ କରିଥିଲେ । ଦୈବାତ୍ ଏକ ମିଥ୍ୟା ଅଭିଯୋଗରେ ଖଗେଶ୍ୱର ଦଣ୍ଡିତ ହୋଇ ଚାକିରି ଛାଡ଼ି କଲିକତା ନଗରୀସ୍ଥ ଜଗଦଳପୁରରେ ଏକ ଲୁହା ଗୋଦାମ କରିଥିଲେ । ଆନନ୍ଦଚନ୍ଦ୍ର ପିତାଙ୍କ ନିକଟରେ ରହି ଉଚ୍ଚଶିକ୍ଷା ଅର୍ଜନ କରୁଥାନ୍ତି । ଖଗେଶ୍ୱରଙ୍କ ପ୍ରତି ଅନ୍ୟାୟ ଦଣ୍ଡବିଧାନ ଆନନ୍ଦଚନ୍ଦ୍ରଙ୍କ ମନରେ ଗଭୀର ରେଖାପାତ କରିଥିଲା । ଏଣ୍ଟ୍ରାନ୍ସ ପାଶ୍ ପରେ ଆନନ୍ଦଚନ୍ଦ୍ର ଦେଶପ୍ରୀତିରେ ଉଦ୍‌ବୁଦ୍ଧ ହୋଇ କଂଗ୍ରେସରେ ଯୋଗ ଦେଲେ । ଇତ୍ୟବସରରେ ବଙ୍ଗଳାର ବିଶିଷ୍ଟ କଂଗ୍ରେସ ନେତୃବୃନ୍ଦ ଆଚାର୍ଯ୍ୟ ପ୍ରଫୁଲ୍ଲ ରାୟ, ଅରବିନ୍ଦ ଘୋଷ, ଚିତ୍ତରଂଜନ ଦାସ ଓ ରାସବିହାରୀଙ୍କ ପରି ମହାନ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ ସେ ଆସିଥିଲେ ।

୧୯୧୨ରେ ବଂଗ ଭଂଗ ଆନ୍ଦୋଳନରେ ସାମିଲ ହୋଇ ଆନନ୍ଦଚନ୍ଦ୍ର କାରାବରଣ କରି ଅଲିପୁର ଜେଲ୍‌ରେ ଏକବର୍ଷ କାରାଦଣ୍ଡ ଭୋଗ କରିଥିଲେ । କାରାମୁକ୍ତ ପରେ ପିତା ଆନନ୍ଦଚନ୍ଦ୍ରଙ୍କୁ ଆଣି ବିବାହ ଦେଇ ସଂସାର ବନ୍ଧନରେ ବାନ୍ଧି ଦେଲେ । ମାତ୍ର ରାଧାନାଥ ରାୟଙ୍କ ଭାଷାରେ-

'ଯେ ଅଟେ ଜଗତ ଜନର ମନନୟନ ତାରା
ଅପ୍ରକଟ ହୋଇ ରହିବା ପାଇଁ କାହିଁ ତା' ଚାରା ।'

ଦେଶମାତୃକାର ସେବାର ଆହ୍ୱାନରେ ସେ ବାହାରିଲେ । ତାଙ୍କୁ ତେଲ ଲୁଣର ସଂସାର ବାନ୍ଧି ପାରିଲା ନାହିଁ । ୧୯୧୪ ମସିହାରେ ସମ୍ବଲପୁରଠାରେ ଆୟୋଜିତ ଉତ୍କଳ ସମ୍ମିଳନୀରେ ଯୋଗଦାନ କରିଥିଲେ । ଆନନ୍ଦଚନ୍ଦ୍ରଙ୍କ ଆହ୍ୱାନକ୍ରମେ କଲିକତାର ପ୍ରବାସୀ ଓଡ଼ିଆମାନଙ୍କ ନିମନ୍ତ୍ରଣ ପାଇ ଗୋପବନ୍ଧୁ କଲିକତା ଯାଇଥିଲେ ଏବଂ ଆନନ୍ଦଚନ୍ଦ୍ର ଜେନା ତାଙ୍କ ସହିତ ଥିଲେ । ୧୯୧୭ ମସିହାରେ

ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ସାବରମତୀ ଆଶ୍ରମରେ ଆନନ୍ଦଚନ୍ଦ୍ର ଯୋଗଦାନ କରିଥିଲେ । ୧୯୧୯ ମସିହାରେ ଗୋପବନ୍ଧୁ ଦାସ ଓ ମଧୁସୂଦନ ଦାସଙ୍କୁ ସେମାନଙ୍କର ତ୍ୟାଗ ପାଇଁ ଆଚାର୍ଯ୍ୟ ପ୍ରଫୁଲ୍ଲ ଦାସ, ଉତ୍କଳମଣି ଓ ଉତ୍କଳଗୌରବ ଉପାଧିରେ ଭୂଷିତ କରିଥିଲେ । ତା'ପଛରେ ଆନନ୍ଦଚନ୍ଦ୍ରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା, ୧୯୧୪ ଓ ୧୯୧୯ରେ କନିକାରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା । ଆନନ୍ଦଚନ୍ଦ୍ର, ଉତ୍କଳମଣି ଗୋପବନ୍ଧୁ ଦାସ ଓ ତାଙ୍କ ସହକର୍ମୀଙ୍କୁ ଆଣି ଆଳି କନିକାରେ ଚୁଡ଼ା, ଚାଉଳ ବାଣ୍ଟିଥିଲେ । ଏହାର ସୁଯୋଗ ନେଇ କନିକାର ରାଜା ଇଂରେଜ କମିଶନଙ୍କୁ ପ୍ରବର୍ତ୍ତାଇ ସମସ୍ତ ପ୍ରକାର ରିଲିଫ୍ ବଣ୍ଟନ କରିବାର କ୍ଷମତା ହାସଲ କରିଥିଲେ । ରାଜା ସାହେବଙ୍କ ବିନା ଅନୁମତିରେ ଚାଷୀ ଧାନ ଅମାର ଖୋଲି ପାରିବେ ନାହିଁ । ଏହିଭଳି କ୍ରମଶଃ ରାଜ ଅତ୍ୟାଚାରରେ ପ୍ରଜାମାନେ ପୀଡ଼ିତ ହେବାକୁ ଲାଗିଲେ । କନିକା ରାଜା ରାଜେନ୍ଦ୍ର ନାରାୟଣ କେତେକ ଦେଶ ହିତକର କାର୍ଯ୍ୟ କରିଥିଲେ ହେଁ କନିକାର ଜନସାଧାରଣଙ୍କପ୍ରତି ତାଙ୍କର ଶୋଷଣ ଓ ଅତ୍ୟାଚାର ସୀମା ଲଙ୍ଘନ କରିଥିଲା ।

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ କଟକରେ ଗିରଫ ସେ ହୋଇଥିଲେ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସୂତାକଟା କେନ୍ଦ୍ରକୁ ନଷ୍ଟ କରି ଦେଇଥିଲେ । ଜେନାଙ୍କ ସହିତ ତାଙ୍କ ପରିବାରର ଛଅଜଣ ଓ ଅନ୍ୟ ତେଇଶି ଜଣଙ୍କୁ ଗିରଫ କରାଯାଇଥିଲା ଓ କେନ୍ଦ୍ରାପଡ଼ାଠାରେ ଅନ୍ୟମାନଙ୍କ କେଶ ବିଚାର କରି ଛାଡ଼ି ଦେଇଥିବାସ୍ଥଳେ ତାଙ୍କ ପିଲାମାନଙ୍କୁ କଟକ ଓ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଥିଲା ।

୧୯୨୦ ମସିହାରେ କଲିକତାଠାରେ ଆୟୋଜିତ କଂଗ୍ରେସ ଅଧିବେଶନ ଓ ୧୯୨୦ ଡିସେମ୍ବର ମାସରେ ନାଗପୁରଠାରେ କଂଗ୍ରେସ ଅଧିବେଶନରେ ଆନନ୍ଦଚନ୍ଦ୍ର ଗୋପବନ୍ଧୁଙ୍କ ସାଙ୍ଗରେ ଯୋଗଦାନ କରିଥିଲେ । ଅଧିବେଶନ ପରିସମାପ୍ତି ପରେ ସ୍ୱରାଜ ଦଳ ତରଫରୁ ଆନନ୍ଦଚନ୍ଦ୍ର ଚିତ୍ତରଂଜନ ଦାସଙ୍କ ନିକଟକୁ ଛତିଶଟି ଗଡ଼ଜାତ ସଂପର୍କରେ ଲେଖିବା ସଂଗେସଂଗେ କନିକା ପ୍ରଜାଙ୍କ ଉପରେ ରାଜେନ୍ଦ୍ର ନାରାୟଣ ଭଂଜଦେଓ ଯେଉଁ ଚଉଷଠି ପ୍ରକାର ଶୁଳ୍କ ଲଦି ଦେଇଥିଲେ, ସେ ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଆନନ୍ଦଚନ୍ଦ୍ର ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଆଗମନ କାଠଯୋଡ଼ି ବାଲିପଠାରେ ଆୟୋଜିତ ସଭାରେ କନିକାର ଦୁଃଖଦୁର୍ଦ୍ଦଶା ମହାତ୍ମା ଗାନ୍ଧୀଙ୍କୁ ଅବଗତ କରାଇଥିଲେ । ଆନନ୍ଦଚନ୍ଦ୍ରଙ୍କ ଲେଖାପାଠ କରି ଗାନ୍ଧିଜୀ ଗୋପବନ୍ଧୁଙ୍କୁ ଏହି ଲେଖାଟି ଛାପି ଦେବା ପାଇଁ କହିଥିଲେ । କନିକାର ବେଆଇନ କର ଓ ଅତ୍ୟାଚାରକୁ ଭିତ୍ତି କରି ଆନନ୍ଦଚନ୍ଦ୍ରଙ୍କ ସାଗ୍ନିକ ଲେଖନୀରୁ ଜନ୍ମ ନେଲା 'ଦୁଃଖିନୀ କନିକା' ୧୯୨୨ ମସିହାରେ । ଏଥିସହିତ ଆନନ୍ଦଚନ୍ଦ୍ରଙ୍କ ସାଂଗଠନିକ ଶକ୍ତି ବଳରେ କନିକାରେ ଏକ ଐତିହାସିକ ପ୍ରଜାଆନ୍ଦୋଳନର ସୂତ୍ରପାତ ଘଟିଥିଲା । ରାଜା ସାହେବ ସଶସ୍ତ୍ର ଫୌଜ ମଗାଇ କନିକାର କାଟଣା ଆମ୍ବତୋଟାରେ ଅନୁଷ୍ଠିତ ପ୍ରଜାମେଳିକୁ ନିର୍ମମ ଭାବେ ଗୁଳି ବର୍ଷଣ କରିଥିଲେ । ମେଘପୁର ଗ୍ରାମ ନିକଟବର୍ତ୍ତୀ ପୁଷ୍କରିଣୀ ନିକଟରେ ଘଟଣାସ୍ଥଳରେ ବାସୁସେଠୀ ଓ ବିସୁନୀ ମଲୁଆଳ ଦୁଇଜଣ ପ୍ରଜା ପ୍ରଥମ ଶହୀଦ ହୋଇଥିଲେ । ଆନନ୍ଦଚନ୍ଦ୍ରଙ୍କୁ ଘଟଣାସ୍ଥଳୀରୁ ଗିରଫ କରି ରାଜବାଟୀରେ ବନ୍ଦୀ କରି ରଖିଲେ ଏବଂ ତାଙ୍କର ବୟାଳିଶି ଏକର ସଂପତ୍ତିକୁ ବାଜ୍ୟାପ୍ତ କରିଦେଲେ । କନିକାରୁ ଆନନ୍ଦଚନ୍ଦ୍ରଙ୍କୁ କେନ୍ଦ୍ରାପଡ଼ା ଓ ପରେ କଟକ ଜେଲକୁ ପଠାଇ ଦିଆଗଲା । ଦୀର୍ଘ ଏକ ବର୍ଷ ପରେ ବିଚାରରେ ଆନନ୍ଦଚନ୍ଦ୍ର ଦୁଇଶହ ଟଙ୍କା ଜୋରିମାନା ସହିତ ତା.୪.୦୬.୨୨ଠାରୁ ତା.୦୧.୦୬.୨୩ରିଖ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗ କରିଥିଲେ । ଏହି ସମୟରେ ରାଜଗୁଣ୍ଡାମାନେ ଜେନାଙ୍କ ଘରକୁ ଲୁଟକରି ତାଙ୍କୁ ସର୍ବସ୍ୱାନ୍ତ କରି ଦେଇଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ କଟକରେ ଗିରଫ ସେ ହୋଇଥିଲେ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସୂତାକଟା କେନ୍ଦ୍ରକୁ ନଷ୍ଟ କରି ଦେଇଥିଲେ । ଜେନାଙ୍କ ସହିତ ତାଙ୍କ ପରିବାରର ଛଅଜଣ ଓ ଅନ୍ୟ ତେଇଶି ଜଣଙ୍କୁ ଗିରଫ କରାଯାଇଥିଲା । ଓ କେନ୍ଦ୍ରାପଡ଼ାଠାରେ ଅନ୍ୟମାନଙ୍କ କେଶ ବିଚାର କରି ଛାଡ଼ି ଦେଇଥିବାସ୍ଥଳେ ତାଙ୍କ ପିଲାମାନଙ୍କୁ କଟକ ଓ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଥିଲା । ସେଠାରୁ ମୁକ୍ତିଲାଭ ପରେ କେନ୍ଦ୍ରାପଡ଼ା କଚେରୀ ନିକଟରେ ଏକ ପୁସ୍ତକାଳୟ ସ୍ଥାପନ କରି ସେ ଜୀବିକା ନିର୍ବାହ କରୁଥିଲେ । ଏହି ସମୟରେ କନିକା ରାଜାଙ୍କ ଅଧୀନସ୍ଥ ସମସ୍ତ ଦେବ ଭୋଗ୍ୟ ସଂପତ୍ତି ଦେବୋତ୍ତର କମିଶନରଙ୍କୁ ହସ୍ତାନ୍ତର କରିବା ପାଇଁ ବହୁ ସ୍ୱାକ୍ଷର ସମ୍ବଳିତ ଏକ ଆବେଦନପତ୍ର ଦାଖଲ କରିଥିଲେ । କନିକା ରାଜା ଏଥିରେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ଚକ୍ରାନ୍ତ କରି ଲୋକ ପଠାଇ ଜେନାଙ୍କୁ ବିଷ ପ୍ରୟୋଗ କରାଇଥିଲେ । ସମସ୍ତ ଚେଷ୍ଟା ସତ୍ତ୍ୱେ ୧୯୬୪ ମସିହା ଜାନୁଆରୀ ୨୭ ତାରିଖରେ ଏହି ଜ୍ୱାଳାମୟୀ ଆଗ୍ନେୟ ବ୍ୟକ୍ତିତ୍ୱର ନିର୍ବାଣ ଘଟିଥିଲା ।

ସ୍ୱର୍ଗୀୟ ଜେନାଙ୍କର 'ଦୁଃଖିନୀ କନିକା' କାବ୍ୟ ଓଡ଼ିଶାର 'ସମର ସାହିତ୍ୟ'ରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ସେହିପରି ଭକ୍ତ ପ୍ରହ୍ଲାଦ କାବ୍ୟରେ କବିଙ୍କର ସ୍ପଷ୍ଟବାଦିତା ସାହସିକତା ଓ ଦେଶପ୍ରିୟତାର ଉଜ୍ଜ୍ୱଳ ଦୃଷ୍ଟି ଶକ୍ତି ରହିଅଛି । ଏହାଛଡ଼ା ଶହେ କୋଡ଼ିଏଟି ଦେଶାତ୍ମବୋଧ ରଚନା ତାଙ୍କୁ ଜଣେ ଜାତୀୟବାଦୀ କବି ଭାବରେ ପ୍ରତିଷ୍ଠା ଦେଇଛି । କବି ଓ ବିପ୍ଳବୀ ଆନନ୍ଦଚନ୍ଦ୍ର ଓଡ଼ିଶାରେ ଏକ ଦେଦୀପ୍ୟମାନ ଶିଖା ଯାହାର ଉପସଂହାର ଟାଣି ହେବ ନାହିଁ ।

ଖଡିଅଙ୍ଗ
କେନ୍ଦ୍ରାପଡ଼ା